**କୁମାରୀ ପାଳିଲେ କୁମାରୋତ୍ସବ**

ଢେଙ୍କିକୋଟ,(ଡି.ଏନ.ଏ): କେନ୍ଦୁଝର ଜିଲା ଢେଙ୍କିକୋଟରେ କୁମାରୀମାନେ ବୁଧବାର କୁମାରପୂର୍ଣ୍ଣିମା ପର୍ବ ପାଳନ କରିଛନ୍ତି। କୁଆଁରୀ ଝିଅ ମାନେ ସନ୍ଧ୍ୟାରେ ଗ୍ରାମ ପୋଖରୀକୁ ଯାଇ ସ୍ନାନ କରି ଘର ଅଗଣାରେ ଥିବା ତୁଳସୀ ଚଉରା ମୂଳେ ବିଭିନ୍ନ ରଙ୍ଗର ମୁରୁଜରେ ସଜେଇ ପୂର୍ବ ଆକାଶରେ ବାହାରୁଥିବା ପୂର୍ଣ୍ଣଚନ୍ଦ୍ରକୁ ଦୀପ ଧୂପଜାଳି ଫଳ ଫୁଲ ନେଇ ବନ୍ଦାପନା କରି ଖୁସିରେ ମସଗୁଲ ହୋଇଛନ୍ତି।

## ସଂକ୍ଷେପରେ

### ପୋଡ଼ିହୋଇ ଯୁବତୀ ମୃତ

ବୈଶିଙ୍ଗା,୨୦।୧୦(ଡି.ଏନ.ଏ.)- ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅନ୍ତର୍ଗତ ରଘୁପୁର ପଞ୍ଚାୟତର ବିଜିପୁର ଗ୍ରାମରେ ଜଣେ ଯୁବତୀ ରୋଷେଇ କରୁଥିବା ସମୟରେ ନିଆଁରେ ପୋଡ଼ି ମୃତ୍ୟୁବରଣ କରିଛନ୍ତି। ସେ ହେଲେ ସନ୍ତୋଷ ରାଉତଙ୍କ ଝିଅ ଦମୟନ୍ତୀ। ଗତ ୧୪ ତାରିଖରେ ଘରେ ରୋଷେଇ କରୁଥିବା ବେଳେ ସେ ପିନ୍ଧିଥିବା ଲୁଗାରେ ନିଆଁ ଲାଗି ଯାଇଥିଲା। ଚିକିତ୍ସା ପାଇଁ ତାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା ବେଳେ ବୁଧବାର ସେଠାରେ ତାଙ୍କର ମୃତ୍ୟୁ ଘଟିଥିବା ଜଣାପଡ଼ିଛି।

### ଜିଲା ଯୁବ କଂଗ୍ରେସର ନୂତନ କମିଟି

କେନ୍ଦୁଝର, ୨୦।୧୦(ଡି.ଏନ୍.ଏ./ସ୍ୱ.ପ୍ର.): କେନ୍ଦୁଝର ଜିଲା କଂଗ୍ରେସ କମିଟି ଘୋଷଣା କରାଯାଇଛି। ଭାରତୀୟ ଯୁବ କଂଗ୍ରେସ ସଭାପତି ଶ୍ରୀନିବାସ ବିଭିଙ୍କ ଅନୁମୋଦନ କ୍ରମେ ଓଡିଶା ପ୍ରଦେଶ ଯୁବ କଂଗ୍ରେସ ସଭାପତି ଡ. ସ୍ମିତିରଞ୍ଜନ ଲେଙ୍କା ଓ ପ୍ରଦେଶ ଯୁବ କଂଗ୍ରେସ ଉପସଭାପତି ଅଭିଳାଷ ମାଣିଆ ଉକ୍ତ ନୂତନ କମିଟି ଘୋଷଣା କରିଛନ୍ତି ବୋଲି ଜିଲା ଯୁବ କଂଗ୍ରେସ ସଭାପତି ସୁନେଶ ଧୀର ଜଣାଇଛନ୍ତି। ଏହି କମିଟିରେ ୫୯ ଜଣ ଯୁବ ନେତାଙ୍କୁ ଦାୟିତ୍ୱ ଦିଆଯାଇଛି। ଏଥିରେ ଉପସଭାପତି ଭାବେ ଜଗବୀର ଦିଶା, ହରେକୃଷ୍ଣ ବଳ, ମୀନାରାଣୀ ବେହେରା, ଗିରିଶ ଚନ୍ଦ୍ର ମହାନ୍ତ, ସଞ୍ଜୟ କୁମାର ନାଏକ, ମାନସ ରଞ୍ଜନ ପଟ୍ଟନାୟକ, ଅଭିନାଶ ସାହୁ, ସତ୍ୟବ୍ରତ ଜେନା ମୁଖପାତ୍ର ଭାବେ ଅଛନ୍ତି। ସେହିପରି ସାଧାରଣ ସମ୍ପାଦକ ଭାବେ ଆନନ୍ଦ କୁମାର ମାଝୀ, ପ୍ରୀତମ କୁମାର ମହାନ୍ତି, ଶେଷଦେବ ବେହେରା, ଅଭିନନ୍ଦନ ରାଉତ, ବିଶାଲ ନବଜିତ ଧର,ପଙ୍କଜ କୁମାର ମହାକୁଡ,ଏମ୍‌ଡି ଅକିଲ ଆନସାରୀ, ସୁଧାଂଶୁ ଶେଖର ବେହେରା ପ୍ରମୁଖଙ୍କୁ ନୂତନ କମିଟିରେ ଦାୟିତ୍ୱ ପ୍ରଦାନ କରାଯାଇଛି।

### ବଙ୍ଗାଳପୁର ପଞ୍ଚାୟତର ନୂତନ ଗୃହ ଉଦ୍‌ଘାଟିତ

ସିମୁଳିଆ, ୨୦।୧୦(ଡି.ଏନ.ଏ.) - ବାଲେଶ୍ୱର ଜିଲା ସିମୁଳିଆ ବ୍ଲକରେ ଗତ ୨୦୧୭ରେ ନୂତନ ରୂପେ ଗଠିତ ହୋଇଥିବା ବଙ୍ଗାଳପୁର ପଞ୍ଚାୟତର ନୂତନ ଗୃହର ଶୁଭ ଉଦ୍‌ଘାଟନ ବୁଧବାର ଅନୁଷ୍ଠିତ ହୋଇଯାଇଛି। ୩୫ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ଏହି ଗୃହକୁ ପର୍ଯ୍ୟଟନମନ୍ତ୍ରୀ ତଥା ସିମୁଳିଆ ବିଧାୟକ ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ଏମ୍‌ପି ମଞ୍ଜୁଳତା ମଣ୍ଡଳ ପ୍ରମୁଖ ଉଦ୍‌ଘାଟନ କରିଥିଲେ।

ଏହି ଅବସରରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା । ଜିଲା ପରିଷଦ ଉପାଧକ୍ଷ ଗୌରାଙ୍ଗ ଚନ୍ଦ୍ର ପାଢ଼ୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଅତିଥି ରୂପେ ଆଳି ବିଧାୟକ ପ୍ରତାପ କେଶରୀ ଦେବ, ବାଲେଶ୍ୱର ଜିଲାର ପୂର୍ବତନ ଏମ୍‌ପି ରବୀନ୍ଦ୍ର ଜେନା, ଧାମନଗର ବ୍ଲକର ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ବ୍ଲକ ଅଧକ୍ଷା ଧରିତ୍ରୀ ମହାରଣା, ଉପାଧକ୍ଷ ଗୌରାଙ୍ଗ ଚନ୍ଦ୍ର ପତ୍ରୀ, ଜିଲା ପରିଷଦ ଗୀତାରାଣୀ ଦାସ, ସ୍ଥାନୀୟ ସରପଞ୍ଚ ଭାନୁମତୀ ଦଳାଇ ପ୍ରମୁଖ ଯୋଗ ଦେଇଥିଲେ । ଅତିଥିମାନଙ୍କୁ ବଙ୍ଗାଳପୁର କେନାଲ ଛକ ନିକଟରୁ ଶୋଭାଯାତ୍ରାରେ ଅଣାଯାଇଥିଲା । ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ ଓ ଜନସାଧାରଣ ଯୋଗ ଦେଇଥିଲେ। ଅମର କୁମାର ପତି, ଦାମୋଦର ନାୟକ, ଅଶୋକ କୁମାର ଦଳାଇ, ବଳରାମ ମଲିକ, ଉପେନ୍ଦ୍ର ମଲିକ ଓ ଜୟନ୍ତ ନାୟକ ପ୍ରମୁଖ ସହଯୋଗୀ ଥିଲେ।

### ବାଙ୍ଗିରିପୋଷୀ ଡାକ୍ତରଖାନା ସମ୍ମୁଖରେ ହେବ ବିକ୍ଷୋଭ

**ବାଙ୍ଗିରିପୋଷୀ,୨୦।୧୦(ଡିଏନଏ):** ଆସନ୍ତା ୨୨ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର ସ୍ମାର୍ଟ କାର୍ଡ଼ ବଣ୍ଟନ କରିବାକୁ ମୟୂରଭଞ୍ଜ ଜିଲା ଗସ୍ତରେ ଆସୁଥିବା ବେଳେ ବାଙ୍ଗିରିପୋଷୀ ବ୍ଲକ ଭାଜପା ପକ୍ଷରୁ ଏହି ଗସ୍ତ କାର୍ଯ୍ୟକ୍ରମକୁ ବିରୋଧ କରାଯାଇଛି। ସେହିଦିନ ପୂର୍ବାହ୍ନ ୮ଟାରୁ ଅପରାହ୍ନ ୪ ଘଟିକା ପର୍ଯ୍ୟନ୍ତ ବାଙ୍ଗିରିପୋଷି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ଜିଲା ଭାଜପା ଉପସଭାପତି ଦଳଗୋବିନ୍ଦ ବେହାରଙ୍କ ନେତୃତ୍ୱରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ବୋଲି ଚେତାବନୀ ଦିଆଯାଇଛି। ଏଥିପାଇଁ ଦଳର ରାଷ୍ଟ୍ରୀୟ ପରିଷଦ ସଦସ୍ୟ ସୁଗଦା ମୁର୍ମୁଙ୍କ ସହ ବହୁ ଭାଜପା କର୍ମୀ ଯୋଗଦେବେ ବୋଲି ସୂଚନା ମିଳିଛି ।

# ଧନଦାତ୍ରୀଙ୍କୁ ଆରାଧନା

**ସିମୁଳିଆ/ ଢେଙ୍କିକୋଟ/ ବନ୍ତ/ ବାସୁଦେବପୁର, ୨୦।୧୦(ଡି.ଏନ.ଏ.)**



ସିମୁଳିଆ।



ବାସୁଦେବପୁର।



ଢେଙ୍କିକୋଟ।

ମାର୍କୋଣା ପଞ୍ଚାୟତ ଅଧୀନ ଗାଁ ମାର୍କୋଣାରେ ମହାଲକ୍ଷ୍ମୀଙ୍କ ୬୦ତମ ସାର୍ବଜନୀନ ପୂଜା ଆଡମ୍ବର ସହକାରେ ପାଳିତ ହେଉଛି। ଗତ ମଙ୍ଗଳବାରରୁ ଆରମ୍ଭ ହୋଇଥିବା ଏହି ପୂଜା ଆସନ୍ତା ୭ଦିନ ବ୍ୟାପୀ ପାଳିତ ହେବ। ପୂଜା ମଣ୍ଡପରେ ଆରାଧ୍ୟା ଦେବୀ ମା' ଶ୍ରୀ ମହାଲକ୍ଷ୍ମୀଙ୍କ ସମେତ ମା' ସରସ୍ୱତୀ, ଗଜଲକ୍ଷ୍ମୀ, ପ୍ରଭୁ ନାରାୟଣ, ଗଣେଶ ଓ କାର୍ତ୍ତିକ ପୂଜା ପାଉଛନ୍ତି। ସେହିପରି ପାର୍ଶ୍ୱ ମଣ୍ଡପରେ ପୌରାଣିକ ଘଟଣାଚକ୍ର ସ୍ଥାନ ପାଇଛି । ପୂଜକ ଶ୍ରୀହରି ମିଶ୍ର ବିଧି ଉପଚାର ପୂଜା ଦାୟିତ୍ୱରେ ଅଛନ୍ତି। ମଙ୍ଗଳବାର ଘଟନିମଜ୍ଜନ, ସାର୍ବଜନୀନ ପୂଜା, ଷୋଡଶ ଉପଚାର ପୂଜା, ଚଣ୍ଡୀପାଠ, ହୋମଯଜ୍ଞ ଆଦି ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠାନ ସଭାପତି ଘନଶ୍ୟାମ ଗାହାଣ, ସମ୍ପାଦକ ସୁଶାନ୍ତ କୁମାର ସେଠୀଙ୍କ ସମେତ ଉପସଭାପତି ସ୍ୱପ୍ନାଞ୍ଜୟ ସାହୁ ଓ ସହସମ୍ପାଦକ ପ୍ରଭାକର ବେହେରା ପ୍ରମୁଖ ଗ୍ରାମବାସୀଙ୍କ ସହଯୋଗରେ କରୋନା ସଚେତନତାକୁ ଦୃଷ୍ଟିରେ ରଖି ଏହି ଉତ୍ସବ ଅନୁଷ୍ଠିତ ହୋଇଥିଲା।

କେନ୍ଦୁଝର ଜିଲା ଢେଙ୍କିକୋଟ ମହାଲକ୍ଷ୍ମୀ ପୂଜା କମିଟିର ନୂତନ ପୂଜା ମଣ୍ଡପଠାରେ ୪୮ତମ ମହାଲକ୍ଷ୍ମୀ ପୂଜା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଉକ୍ତ ପୂଜା କମିଟି ତରଫରୁ ଯଥାବିଧି ପୂଜାର୍ଚ୍ଚନା କରାଯାଇଛି। ୫ ଜଣ ସଙ୍କଳ୍ପଧାରୀ କଳସ ଆଣିଥିବା ବେଳେ ପୂଜକ ରବିନାରାୟଣ ପାଢ଼ୀ, ସସ୍ମିତ ପାଢ଼ୀ ଘଟ କଳସ ଆଣି ମଣ୍ଡପରେ ସ୍ଥାପନ କରି ପୂଜାର୍ଚ୍ଚନା କରିଥିଲେ। ରାତି ୧୨ଟାରେ ପୂଜାକର୍ଯ୍ୟ ଶେଷ ହୋଇଥିଲା। ସଙ୍କଳ୍ପଧାରୀ ତଥା ମୁଖ୍ୟ କଳସଧାରୀ ରାମଚନ୍ଦ୍ର ସାହୁ, ସଞ୍ଜୀବ କୁମାର ସାହୁ ,ମହେଶ୍ୱର ସାହୁ, ମକର୍ଧ୍ୱଜ ସାହୁ ଏବଂ ଦିଗାମ୍ବର ନାୟକ କଳସ ଆଣିଥିଲେ ପୂଜା କମିଟିର ସକ୍ରିୟ ସଦସ୍ୟ ଶଙ୍କର୍ଷଣ ସାହୁ, ରବୀନ୍ଦ୍ର କୁମାର ସାହୁ, ଗୌରୀଶଙ୍କର ମୁନ୍ଦୁଡା, ବିଜୟ କୁମାର ପାଳ, ନୀଳମଣି ମଣ୍ଡଳ ପ୍ରମୁଖ ପୂଜା କାର୍ଯ୍ୟରେ ସହଯୋଗ କରିଛନ୍ତି।

ଭଦ୍ରକ ଜିଲା ବନ୍ତସ୍ଥିତ ଥାନା ଛକ ଓ କେନ୍ଦୁଆପଦା ଛକର ପ୍ରସିଦ୍ଧ ଗଜଲକ୍ଷ୍ମୀ ପୂଜା ମଙ୍ଗଳବାର ରାତିରୁ ନିରାଡମ୍ବର ସହକାରେ ଅନୁଷ୍ଠିତ ହେଉଛି । ପ୍ରତି ବର୍ଷ ଏହି ପୂଜା ୭ ଦିନ ଧରି ଚାଲୁଥିଲା । ମାତ୍ର ଚଳିତ ବର୍ଷ ପୂଜା ମଣ୍ଡପରେ କେବଳ ମା'ଙ୍କର ମୃଣ୍ମୟୀ ମୂର୍ତ୍ତି ତିଆରି କରାଯାଇ ପୂଜାର୍ଚ୍ଚନା କରାଯାଇଛି। ୩ ଦିନ ମା'ଙ୍କୁ ପୂଜାର୍ଚ୍ଚନା କରାଯାଇ ଶୁକ୍ରବାର ବିସର୍ଜନ କରାଯିବ ବୋଲି ଉଭୟ କମିଟି ପକ୍ଷରୁ ସୂଚନା ମିଳିଛି। କେନ୍ଦୁଆପଦା ଛକ ପୂଜା କମିଟି ପକ୍ଷରୁ କାଳନ୍ଦି ସ୍ୱାଇଁ କଳସ ଆଣିବା ପରେ ଘଟସ୍ଥାପନା ପୂର୍ବକ ଯଥାରୀତି ପୂଜା ଆରମ୍ଭ ହୋଇଥିଲା । ଭବବାନ ପତି, ରାଷ୍ଟ୍ରପତି ପଣ୍ଡା ପୂଜକ ଦାୟିତ୍ୱ ତୁଲାଇଛନ୍ତି । ପୂଜା କାର୍ଯ୍ୟରେ ସଭାପତି ମୋହନ ଚରଣ ସାହୁ, ସମ୍ପାଦକ ଅଖିଳ ସାହୁଙ୍କ ସମେତ କମିଟିର ସଦସ୍ୟମାନେ ସହଯୋଗ କରିଛନ୍ତି । ସେହିପରି ଥାନା ଛକ କମିଟି ପକ୍ଷରୁ ସଞ୍ଜୀବ କୁମାର ପଣ୍ଡା, କୃଷ୍ଣ ଚନ୍ଦ୍ର ସାହୁ, ପୂର୍ଣ୍ଣ ଚନ୍ଦ୍ର ସାହୁ କଳସ ଆଣିବା ପରେ ପୂଜା କାର୍ଯ୍ୟ ଆରମ୍ଭ ହୋଇଥିଲା ।

ଭଦ୍ରକ ଜିଲା ବାସୁଦେବପୁର ଅଞ୍ଚଳର ବେତଡ଼ା ବଜାରରେ ମା' ଲକ୍ଷ୍ମୀଙ୍କର ପୂଜା କୋଭିଡ଼ ନିୟମ ମଧ୍ୟରେ ମଙ୍ଗଳବାର ସନ୍ଧ୍ୟାରୁ ଆରମ୍ଭ ହୋଇଛି। ବଜାରର ସାର୍ବଜନୀନ ସର୍ବପୁରାତନ କମିଟି ଚଳିତ ବର୍ଷ ୭୫ ବର୍ଷରେ ପଦାର୍ପଣ କରିଛି। ବେତଡ଼ା ଅଞ୍ଚଳର ଉମାକାନ୍ତ ଦାସ, ପୁରୁଷୋତ୍ତମ ଦାସ ପ୍ରମୁଖ ବ୍ୟକ୍ତିଙ୍କ ଉଦ୍ୟମ ଓ ବ୍ୟବସାୟୀ ଅଞ୍ଚଳବାସୀଙ୍କ ସହଯୋଗରେ ଏହି ପୂଜା ଆରମ୍ଭ ହୋଇଥିଲା। ଝାଟିମାଟି ଘରେ ଏହି ପୂଜା ପ୍ରଥମେ ଆରମ୍ଭ ହୋଇଥିବା ବେଳେ ସନାତନ ମହାନ୍ତିଙ୍କ ଜମିଦାନରେ ଗଢ଼ି ଉଠିଛି ମା'ଙ୍କ ସ୍ଥାୟୀ ପକ୍କାଗୃହ ପୂଜା ମଣ୍ଡପ। ପରବର୍ତ୍ତୀ ସମୟରେ ଏହି ଅଞ୍ଚଳର ଆଗଧାଡ଼ିର ଅନୁଷ୍ଠାନ ପ୍ରେମୀ ବ୍ୟକ୍ତି ଶରତ ପାଣିଗ୍ରାହୀ, ସୁରେନ୍ଦ୍ର ପଣ୍ଡା, ସୁରେନ୍ଦ୍ର ପାତ୍ର, ମହେନ୍ଦ୍ର ପ୍ରସାଦ ପଣ୍ଡା ପ୍ରମୁଖ ଏହି ପୂଜା କମିଟିର ନେତୃତ୍ୱ ନେଇ ଏହାର କଳେବର ବୃଦ୍ଧି କରିଛନ୍ତି। ବର୍ତ୍ତମାନ ଏହି ପୂଜା କମିଟିର ସଭାପତି ଭାବେ ନଗେନ୍ଦ୍ର ବିଶ୍ୱାଳ ଓ ସମ୍ପାଦକ ଭାବେ ଶିକ୍ଷାବିତ ସୁରେନ୍ଦ୍ର ବେଜ ଦାୟିତ୍ୱ ତୁଲାଉଛନ୍ତି। ଚଳିତ ବର୍ଷ ମା' ଲକ୍ଷ୍ମୀଙ୍କ ମୂର୍ତ୍ତିରେ ୬କେଜିରୁ ଅଧିକ ରୂପା ଅଳଙ୍କାରରେ ସୁସଜ୍ଜିତ କରାଯାଇଛି।

## ଭୋଗରାଇରେ ରୋଗୀ ସେବା ବ୍ୟାହତ

**ଭୋଗରାଇ, ୨୦।୧୦(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଅଧୀନ ସମସ୍ତ ସରକାରୀ ଡାକ୍ତରଖାନାରେ ଆୟୁଷ ଡାକ୍ତରଙ୍କ ଅସହଯୋଗ ଯୋଗୁ ସ୍ୱାସ୍ଥ୍ୟସେବା ବ୍ୟାହତ ହୋଇଛି। ଭୋଗରାଇରେ ଜଳେଶ୍ୱରପୁର ଓ କମର୍ଦ୍ଦା ଦୁଇଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ରହିଥିବା ବେଳେ ଦହମୁଣ୍ଡା, ଶ୍ରଦ୍ଧାପୁର, ଭୋଗରାଇହାଟ, ଚନ୍ଦନେଶ୍ୱର, ଜଳସୋହରିଆ, ଦେଉଳା, ନିମାତ୍‌ପୁର ସ୍ଥାନରେ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ରହିଛି। ଏତଦ୍‌ଭିନ୍ନ ଗୋପୀନାଥପୁର, ମୁଣ୍ଡାବଣିଆଠାରେ ଆୟୁର୍ବେଦିକ ଚିକିତ୍ସାଳୟ ରହିଛି। ଆୟୁଷ ଡାକ୍ତରଙ୍କ ଆନ୍ଦୋଳନ ଫଳରେ ରୋଗୀମାନେ ସ୍ୱାସ୍ଥ୍ୟସେବାରୁ ବଞ୍ଚିତ ରହୁଛନ୍ତି। ଆୟୁଷ ଡାକ୍ତରମାନେ ବିଭିନ୍ନ ଦାବି ନେଇ ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀରୁ ଆନ୍ଦୋଳନ ଚାଲୁ ରଖିଥିବା ବେଳେ ସରକାର ଡାକ୍ତରଙ୍କ ଦାବି ସମସ୍ୟାର ସମାଧାନ କରୁ ନ ଥିବାରୁ ସ୍ୱାସ୍ଥ୍ୟସେବା ବିଗିଡ଼ିବାରେ ଲାଗିଛି। ଜଳେଶ୍ୱରପୁର ଡାକ୍ତରଖାନାର ଆୟୁଷ ଡାକ୍ତର କିଶୋର ବିଶ୍ୱଜିତ୍ ଜେନାଙ୍କ ସହ ୧୦ଟି ସ୍ୱାସ୍ଥ୍ୟକେନ୍ଦ୍ରରେ ଆୟୁଷ ଡାକ୍ତରମାନେ ଅଦ୍ୟାବଧି ସ୍ୱାସ୍ଥ୍ୟସେବାରେ ସହଯୋଗ କରୁ ନ ଥିବାରୁ ଡାକ୍ତରଖାନାରେ ଦିନକୁ ଦିନ ସମସ୍ୟା ବଢ଼ିବାରେ ଲାଗିଛି। ଖୁବ୍‌ଶୀଘ୍ର ଆୟୁଷ ଡାକ୍ତର ନ୍ୟାୟୋଚିତ ଦାବି ସରକର ନ ମାନିଲେ ସେମାନେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ସରକାରଙ୍କୁ ଚେତାବନୀ ଦେଇଛନ୍ତି।

## ଦୃଷ୍ଟିହୀନ ମହିଳା କ୍ରିକେଟରଙ୍କୁ ସମ୍ବର୍ଦ୍ଧନା



ରୋଟାରିୟାନଙ୍କ ଗହଣରେ ସମ୍ବର୍ଦ୍ଧିତ ଦୃଷ୍ଟିହୀନ ମହିଳା କ୍ରିକେଟର।

**ବାଲେଶ୍ୱର ଅଫିସ, ୨୦।୧୦**

ବାଲେଶ୍ୱର ଜିଲା ରାଣୀପାଟଣାସ୍ଥିତ ଦୃଷ୍ଟିହୀନ ବିଦ୍ୟାଳୟରେ ମହିଳାଙ୍କୁ କ୍ରିକେଟରଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ଓଡ଼ିଶା ମହିଳା ଦୃଷ୍ଟିହୀନ କ୍ରିକେଟ୍ ଦଳ ଗତ ୧୩ ଓ ୧୪ ତାରିଖରେ ବାଙ୍ଗାଲୋରଠାରେ କର୍ଣ୍ଣାଟକ ବିପକ୍ଷରେ ଦୁଇଦିନ ଖେଳି ଓଡ଼ିଶା ଦଳ ଚାମ୍ପିୟନ ହୋଇ ଗୌରବାନ୍ୱିତ କରିଛନ୍ତି। ଉକ୍ତ ଦଳରେ ବିଦ୍ୟାଳୟର ୫ଜଣ ଛାତ୍ରୀ କୁମାରୀ ବାସନ୍ତୀ ହାଁସଦା, ମାମିନା ନାୟକ, ଫୁଲ ସୋରେ, ସୁଲୋଚନା ସିଂ ଓ ପଦ୍ମିନୀ ଟୁଡୁ ଭାଗ ନେଇ ବିଜୟୀ ହୋଇ ଫେରିବା ପରେ ରୋଟାରୀୟାନ ମାତୃଦତ୍ତ ଦାସ ଓ ସୁଖମୟ ଦାସଙ୍କ ଦ୍ୱାରା ଏକ ସମ୍ବର୍ଦ୍ଧନା ସଭା ବିଦ୍ୟାଳୟ ପରିସରରେ ଆୟୋଜନ କରାଯାଇଥିଲା।

ଅନୁଷ୍ଠାନ ନିର୍ଦ୍ଦେଶକ ଦିବାକର ସ'ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲାପାଳ ନିଲୁ ମହାପାତ୍ର, ସମ୍ମାନିତ ଅତିଥି ଭାବରେ ଜିଲା କ୍ରୀଡ଼ା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଜେନା ଯୋଗଦେଇଥିଲେ। ଅନୁଷ୍ଠାନ ଉପଦେଷ୍ଟା ରୋଟାରିୟାନ ସୁବ୍ରତ କର, ସଭ୍ୟା ଶ୍ରଦ୍ଧାଞ୍ଜଳି ରାୟ, ବିଦ୍ୟାଳୟର ଶିକ୍ଷୟିତ୍ରୀ ଓ ଶିକ୍ଷକମାନେ ଉପସ୍ଥିତ ଥିଲେ। ବିଜୟୀ କ୍ରିକେଟରମାନଙ୍କୁ ପୁଷ୍ପଗୁଚ୍ଛ ଓ ଆର୍ଥିକ ରାଶି ପ୍ରଦାନ କରି ସମ୍ବର୍ଦ୍ଧନା କରାଯାଇଥିଲା।

## ଅଳଙ୍କାର ଦୋକାନରୁ ଚୋରି

**ଭଣ୍ଡାରିପୋଖରୀ, ୨୦।୧୦(ଡି.ଏନ.ଏ)**

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକର ମଞ୍ଜୁରୀରୋଡ଼ ବଜାରଠାରେ ଥିବା କୁଳମଣି ସାହୁଙ୍କ କଂସା ବାସନ ଓ ଅଳଙ୍କାର ଦୋକାନରୁ ବୁଧବାର ପୂର୍ବାହ୍ନରେ ଚୋରି ହୋଇଛି। ସ୍ଥାନୀୟ ସାତଶୋଳା ଗ୍ରାମରେ ରହୁଥିବା କୁଳମଣି ସକାଳେ ଦୋକାନ ଖୋଲି ପୂଜା ପାଇଁ ନିକଟସ୍ଥ ନଳକୂପକୁ ପାଣି ଆଣିବାକୁ ଯାଇଥିଲେ। ପାଣି ଆଣି ଆସିବା ପରେ ଦୋକାନରେ ଅଳଙ୍କାର ରଖିଥିବା ବ୍ୟାଗରେ ଥିବା କିଛି ସୁନା ଅଳଙ୍କାର ଓ ରୁପା ଅଳଙ୍କାର ଚୋରି କରିନେଇଥିବା ଦେଖିବାକୁ ପାଇଥିଲେ। ମଞ୍ଜୁରୀରୋଡ଼ ଫାଣ୍ଡି ପୋଲିସ ତଦନ୍ତ ଆରମ୍ଭ କରିଛି।

## ଏକଲବ୍ୟ ବିଦ୍ୟାଳୟର ଶିଳାନ୍ୟାସ

**ଠାକୁରମୁଣ୍ଡା,୨୦।୧୦(ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା ବ୍ଲକ ସାତକୋଶିଆଠାରେ ପ୍ରତିଷ୍ଠା ହେବାକୁ ଥିବା ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟର ଶିଳାନ୍ୟାସ କେନ୍ଦ୍ର ଆଦିବାସୀ ଓ ଜଳସମ୍ପଦ ବିଭାଗ ରାଷ୍ଟ୍ରମନ୍ତ୍ରୀ ଇଂ. ବିଶ୍ୱେଶ୍ୱର ଟୁଡୁଙ୍କ ଦ୍ୱାରା ବୁଧବାର ଅନୁଷ୍ଠିତ ହୋଇଯାଇଛି। କରଞ୍ଜିଆ ବିଧାୟିକା ବାସନ୍ତୀ ହେମ୍ବ୍ରମ, ପୂର୍ବତନ ବିଧାୟକ ପଦ୍ମଚରଣ ହାଇବ୍ରୁ, ବିଡ଼ିଓ ଶ୍ୟାମସୁନ୍ଦର ଟୁଡୁ, ତହସିଲଦାର ଜୟକିଶୋର ପାତ୍ର, ବାବା ଭୈରବା ନନ୍ଦ ଯୋଗ ଦେଇଥିଲେ। ଏହି ଅବସରରେ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଛୋଟଲାଲ ମହାନ୍ତ, ନାମମି ଗଙ୍ଗେ ରାଜ୍ୟ ସଭାପତି ମହେଶ୍ୱର ସାହୁ,କୃପାସିନ୍ଧୁ ମହାନ୍ତ, ଜିଲା ପରିଷଦ ସଭ୍ୟ ଯୁଗଳ ନାୟକ ଉପସ୍ଥିତ ଥିଲେ।

## ଜାଲ୍ ଦସ୍ତଖତରେ ଆଦିବାସୀଙ୍କ ଜମି ହଡ଼ପ

**ଯୋଡା,୨୦।୧୦ (ଡି.ଏନ.ଏ.)**

କେନ୍ଦୁଝର ଜିଲା ଯୋଡ଼ା ବ୍ଲକ ବିରିକଳା ପଞ୍ଚାୟତର ଭାଗଲପୁର ମୌଜାରେ ଥିବା ଆଦିବାସୀଙ୍କ ଜମିକୁ ଜାଲ ଟିପ ଚିହ୍ନ ଓ ଦସ୍ତଖତରେ ହଡ଼ପ କରାଯାଇଥିବା ଅଭିଯୋଗ ହୋଇଛି। ବିଲେଇପଦାସ୍ଥିତ ଏକ କମ୍ପାନୀ ଏହି ଜମି ହଡ଼ପ କରିଥିବା ନେଇ ଯୋଡ଼ା ଥାନାରେ ଦୁଇଟି ଲିଖିତ ଏତଲା ଦିଆଯାଇଛି। ଲହଣ୍ଡା ମୌଜାର ବିଜୟ ମୁଣ୍ଡା ଏବଂ ଶ୍ୟାମ ମୁଣ୍ଡା ଅଭିଯୋଗ କରିଛନ୍ତି ଯେ, ଭାଗଲପୁର ମୌଜାରେ ଥିବା ତାଙ୍କର ଖାତା ନଂ. ୬୨ ଏବଂ ୩୫ରେ ଥିବା ଜମିକୁ ହଡ଼ପ କରାଯାଇଛି। କମ୍ପାନୀର ପୂର୍ବତନ ଅଧିକାରୀ ୧୯୯୫ ନଭେମ୍ବର ୯ ଓ ୧୯୯୬ ଏପ୍ରିଲ ୯ରେ ସେମାନଙ୍କ ଜମି କିଣିଥିବା ନେଇ ରେକର୍ଡ ଦେଖାଉଥିବା ବେଳେ ୨୦୧୮ରେ ଉକ୍ତ ଜମି ଚିହ୍ନଟ ହେବା ସମୟରେ ହଡ଼ପ କରାଯାଇଥିବା ନେଇ ଜଣାପଡ଼ିଥିଲା। ସେ ସମୟରେ ଖାତା ନଂ.୬୨ର ପ୍ଲଟ ନଂ. ୮୦୫/୯୯୧ରୁ ଏ୦.୭୫୦ ଡେସିମିଲ ଜମି ଉକ୍ତ କମ୍ପାନୀ ଖାତା ନଂ. ୭୩/୬୧କୁ ଯାଇଛି। ସେହିପରି ଖାତା ନଂ. ୩୫ର ପ୍ଲଟ ନଂ. ୮୧୨ରୁ ଏ୧.୨୬୦ ଡେସମିଲ ଓ ପ୍ଲଟ ନଂ. ୮୧୩ରୁ ଏ୦.୧୯୦ ଡିସିମିଲ ସମୁଦାୟ ଏ୧.୪୫୦ ଡିସମିଲ ଜମି ଏହି କମ୍ପାନୀ ଖାତା ନଂ. ୭୩/୬୧କୁ ଯାଇଛି। ଜମି ଅଧିଗ୍ରହଣ ସମୟରେ ଚଞ୍ଚକତା କରାଯାଇ କମ୍ପାନୀ ଆଦିବାସୀଙ୍କ ଜମିକୁ ନିଜ ନାମରେ କରିନେଇଥିବା ଅଭିଯୋଗରେ ଦର୍ଶାଯାଇଛି। ମାତ୍ର କିଛି ଜମି ଅଧିଗ୍ରହଣ ପରେ ବାକି କେତେକ ଆଦିବାସୀଙ୍କଠାରୁ ଜାଲ ଟିପ ଚିହ୍ନ ଓ ଦସ୍ତଖତରେ ଏହି ସବୁ ଜମି ହଡପ କରାଯାଇଥିବା ନେଇ ଆଦିବାସୀମାନେ ଦୀର୍ଘ ବର୍ଷ ଧରି ଦାବି କରିଆସୁଥିଲେ ହେଁ ସେମାନଙ୍କୁ ନ୍ୟାୟ ମିଳୁ ନ ଥିବା କହିଛନ୍ତି। ଏ ନେଇ ଗତ ସେପ୍ଟେମ୍ବର ୮ରେ କେନ୍ଦ୍ର ଆଦିବାସୀ ବ୍ୟାପାର ଓ ଜଳ ଶକ୍ତି ବିଭାଗ ରାଷ୍ଟ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁଙ୍କୁ ଭେଟି ସେମାନେ ଏହି ଅଭିଯୋଗ କରିବା ପରେ ମନ୍ତ୍ରୀ ଚମ୍ପୁଆ ଉପଜିଲାପାଳ ପ୍ରତାପ ପ୍ରୀତିମୟଙ୍କୁ ଏହାର ସମାଧାନ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଉପଜିଲାପାଳ ଜମିହରାଙ୍କୁ ତାଙ୍କ କାର୍ଯ୍ୟାଳୟକୁ ଡକାଇ ସମସ୍ୟା ସମାଧାନର ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ଅଦ୍ୟାବଧି ନ୍ୟାୟ ମିଳିନାହିଁ। ଏ ନେଇ ଜମିହରା ଆଦିବାସୀମାନେ ବୁଧବାର ଯୋଡ଼ା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଦାବି ଗୁଡ଼ିକୁ ବିଚାର କରା ନ ଗଲେ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି।

## ବୈଶିଙ୍ଗା-ବଡ଼ସାହି ମୁଖ୍ୟ ରାସ୍ତା ବନ୍ଦ

**ବୈଶିଙ୍ଗା,୨୦।୧୦(ଡିଏନଏ)**

**ହଇରାଣ ହେଲେ ଅଞ୍ଚଳବାସୀ**

ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅନ୍ତର୍ଗତ ପାଟଳୀପୁରା ପଞ୍ଚାୟତରେ ପୂର୍ତ୍ତ ବିଭାଗ ପକ୍ଷରୁ ନିର୍ମାଣାଧୀନ କଙ୍କ୍ରିଟ ପୋଲଠାରେ ଏକ ଚାଉଳ ବୋଝେଇ ଟ୍ରକ ଓଲଟି ପଡ଼ିବାରୁ ଏହି ରାସ୍ତାଟି ସମ୍ପୂର୍ଣ୍ଣ ବନ୍ଦ ହୋଇ ଯାଇଛି। ବୈଶିଙ୍ଗାଠାରେ ଥିବା ୧୮ନଂ. ଜାତୀୟ ରାଜପଥଠାରୁ ବଡ଼ସାହି ହୋଇ ଉଦଳା ପର୍ଯ୍ୟନ୍ତ ଯାଇଥିବା ଏହି ରାସ୍ତାର ଦୋହରୀକରଣ କାର୍ଯ୍ୟ ଚାଲିଛି। ଏହି ପ୍ରକଳ୍ପ ଅଧୀନ ଏକ ପୋଲ ଅନ୍ଧାରି ନାଳ ଉପରେ ଦୀର୍ଘ ଦୁଇ ବର୍ଷ ହେଲା ମନ୍ଥର ଗତିରେ ନିର୍ମାଣ ଚାଲିଛି। ଯାନବାହାନ ଚଳାଚଳ ନିମନ୍ତେ ଅତ୍ୟନ୍ତ ନିମ୍ନମାନର ଏକ କଲଭର୍ଟ କରାଯାଇଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ସାମାନ୍ୟ ବର୍ଷାରେ ଗାଡ଼ି ମୋଟର ଚଳାଚଳ ବନ୍ଦ ହୋଇଥାଏ। ତେବେ ମଙ୍ଗଳବାର ଏକ ଚାଉଳ ବୋଝେଇ ଟ୍ରକ କଲଭର୍ଟ ଉପରେ ଓଲଟି ପଡ଼ିବାରୁ ଅଚଳାବସ୍ଥା ସୃଷ୍ଟି ହୋଇଥିଲା। ଏହି ରାସ୍ତାରେ ଯିବାକୁ ଥିବା ଯାନବାହନ ବେତନଟୀ ହୋଇ ମାଣତ୍ରୀ, ବଡ଼ସାହି ଓ ଅନ୍ୟାନ୍ୟ ଗନ୍ତବ୍ୟସ୍ଥଳକୁ ଯାତ୍ରା କରିଥିଲେ। ଏନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ଅସନ୍ତୋଷ ପ୍ରକାଶ ପାଇଥିଲା। ବୁଧବାର ଅପରାହ୍ନରେ ପୂର୍ତ୍ତ ବିଭାଗ ପକ୍ଷରୁ କ୍ରେନ ସାହାଯ୍ୟରେ ଟ୍ରକଟିକୁ ହଟାଇ ରାସ୍ତା ସଫା କରାଯାଇଥିବା ଦେଖିବାକୁ ମିଳିଛି।

## ୨ ଚୋରା ମଦ ବେପାରୀ ଗିରଫ

**ସଜନାଗଡ଼, ୨୦।୧୦(ଡି.ଏନ.ଏ.)**

ବାଲେଶ୍ୱର ଜିଲା ନୀଳଗିରି ଅବକାରୀ ଓଆଇସି ଜୟନ୍ତୀ ଆଚାର୍ଯ୍ୟଙ୍କ ନେତୃତ୍ୱରେ ମଙ୍ଗଳବାର ଚଢାଉ କରାଯାଇ ୧୫୦ ଲିଟର ଦେଶୀ ମଦ ଜବତ କରାଯାଇ ୨ଜଣଙ୍କୁ ଗିରଫ କରାଯାଇଛି। ଗିରଫ ଦୁଇ ଅଭିଯୁକ୍ତ ହେଲେ ନୀଳଗିରି ଥାନା ସିଆଡ଼ିମାଳ ଚତରସାହି ଗ୍ରାମର ରାକେଶ କୁମାର ମେଦିନରାୟ ଏବଂ ମୟୂରଭଞ୍ଜ ଜିଲା କପ୍ତିପଦା ଅଞ୍ଚଳର ରଞ୍ଜିତ ଦାସ। ଚଢାଉ ବେଳେ ଏକ ବାଇକ୍ ମଧ୍ୟ ଜବତ କରାଯାଇଛି। ଏ ନେଇ ମାମଲା (ନଂ. ୮୪/୨୧) ରୁଜୁ କରାଯାଇଛି ।

## ମୁଖ୍ୟମନ୍ତ୍ରୀଙ୍କ ଗସ୍ତକୁ ବିରୋଧ କରିବ କଂଗ୍ରେସ

**ବାରିପଦା ଅଫିସ, ୨୦।୧୦**

ମୟୂରଭଞ୍ଜ ଜିଲାର ବିକାଶ କ୍ଷେତ୍ରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦେଇଥିବା ପ୍ରତିଶ୍ରୁତି ପୂରଣ ହୋଇ ନ ଥିବା ବେଳେ ଜନସାଧାରଣଙ୍କ ଅର୍ଥରେ ବ୍ୟୟ ବହୁଳ କାର୍ଯ୍ୟକ୍ରମ ଜରିଆରେ ସ୍ମାର୍ଟ କାର୍ଡ ବଣ୍ଟନକୁ ଜିଲା କଂଗ୍ରେସ ପକ୍ଷରୁ ଦୃଢ ବିରୋଧ କରାଯିବ ବୋଲି ଜିଲା ସଭାପତି ହେମନ୍ତ ଦାସ ଏକ ପ୍ରେସ ବିବୃତ୍ତିରେ ଜଣାଇଛନ୍ତି। ସଭାପତି ଦାସ କହିଛନ୍ତି ଯେ, ବାରିପଦା ସହରକୁ ବନ୍ୟା ଦାଉରୁ ରକ୍ଷା କରିବା ପାଇଁ ବୁଢ଼ାବଳଙ୍ଗ ନଦୀରେ ଆଡ଼ିବନ୍ଧ ନିର୍ମାଣ ପାଇଁ ମୁଖ୍ୟମନ୍ତ୍ରୀ କରିଥିବା ଘୋଷଣା ଅଦ୍ୟାବଧି ପୂରଣ ହୋଇ ନ ଥିବା ବେଳେ ଶାସନ କାଳର ୨୧ବର୍ଷ ଧରି ଜିଲାରେ କୌଣସି ଶିଳ୍ପ ପ୍ରତିଷ୍ଠା କରାଯାଇନାହିଁ। ସେହିପରି ଜିଲାରେ ଥିବା ସୂତାକଳ, ନିକ୍କୋ ଓ ଗଞ୍ଜି କାରଖାନା ଦୀର୍ଘ ବର୍ଷ ଧରି ବନ୍ଦ ପଡ଼ିଥିବା ବେଳେ ଏହାର ପୁନରୁଦ୍ଧାର ହୋଇ ପାରିନାହିଁ । ଜିଲାରେ ବେକାରୀ ସମସ୍ୟା ବୃଦ୍ଧି,ପ୍ରଶାସନର ସହାୟତାରେ ଲଘୁ ଖଣିଜ ଦ୍ରବ୍ୟର ଚୋରାଚାଲାଣ, ଡାକ୍ତରଖାନାରେ ରୋଗୀଙ୍କୁ ଚିକିତ୍ସା ପରିବର୍ତ୍ତେ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯିବା ଘଟଣାକୁ ନେଇ ଜିଲା କଂଗ୍ରେସ ଅସନ୍ତୋଷ ପ୍ରକାଶ କରଛି। ସେହିପରି ଭାଜପା ନେତା ତଥା ବାରିପଦା ବିଧାୟକ ପ୍ରକାଶ ସୋରେନ ମୁଖ୍ୟମନ୍ତ୍ରୀଙ୍କ ଏହି ଗସ୍ତ କାର୍ଯ୍ୟକ୍ରମକୁ ବିରୋଧ କରାଯିବ ବୋଲି କହିଛନ୍ତି।

## ସୋସିଆଲ୍ ମିଡିଆ ଜରିଆରେ ଦାବି କରିବ ଭଞ୍ଜସେନା

**ବାରିପଦା ଅଫିସ,୨୦।୧୦**

ମୟୂରଭଞ୍ଜ ଜିଲାରେ ଥିବା ବହୁ ପର୍ଯ୍ୟଟନସ୍ଥଳୀର ବିକାଶ ଦାବିକୁ ନେଇ ଭଞ୍ଜସେନା ପକ୍ଷରୁ ଦାବି ଉପସ୍ଥାପନ ପାଇଁ ପ୍ରୟାସ କରାଯାଉଛି। ଶୁକ୍ରବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜିଲା ଗସ୍ତରେ ଆସୁଥିବାରୁ ତାଙ୍କୁ ଦାବିପତ୍ର ପ୍ରଦାନ ପାଇଁ ଭଞ୍ଜସେନା ଜିଲା ପ୍ରଶାସନଠାରୁ ଅନୁମତି ଲୋଡିଥିଲା। ମାତ୍ର ଅନୁମତି ମିଳି ନ ଥିବାରୁ ଭଞ୍ଜସେନା କର୍ମକର୍ତ୍ତାମାନେ ଘରେ ଓ ପର୍ଯ୍ୟଟନସ୍ଥଳୀ ଗୁଡ଼ିକରେ ରହି ଦାବି ସମ୍ବଳିତ ପ୍ଲାକାର୍ଡ ଧରି ଫଟୋ ଓ ଭିଡିଓ ମାଧ୍ୟମରେ ସୋସିଆଲ ମିଡିଆରେ ଉପସ୍ଥାପନ କରିବେ ବୋଲି ଜଣାଇଛନ୍ତି।

## ଡ୍ରାଇଭର, ହେଲ୍‌ପରଙ୍କ ବିକ୍ଷୋଭ




କାରଖାନା ଆଗରେ ଡ୍ରାଇଭର ଓ ହେଲପରଙ୍କ ବିକ୍ଷୋଭ।

**ବାଲେଶ୍ୱର ଅଫିସ, ୨୦।୧୦**

ବାଲେଶ୍ୱର ଜିଲା ଶିଳ୍ପାଞ୍ଚଳ ଥାନା ଅଧୀନ ସୋମନାଥପୁର ଇଣ୍ଡିଆନ ଅଏଲ୍ ଡିପୋ ଆଗରେ ବୁଧବାର ଉତ୍ତେଜନା ପ୍ରକାଶ ପାଇଛି। କାର୍ଯ୍ୟରତ ସମସ୍ତ ଡ୍ରାଇଭର ଓ ହେଲ୍‌ପରମାନେ କାର୍ଯ୍ୟ ବନ୍ଦ କରି ମ୍ୟାନେମେଣ୍ଟର ମନମୁଖୀ କାର୍ଯ୍ୟ ବିରୋଧରେ ଗେଟ୍ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଡିପୋରେ ଲାଗିଥିବା ୧୩୫ଟି ଟ୍ରକ୍ ବୁଧବାର ବନ୍ଦ ରହିଥିବା ବେଳେ ଅନିର୍ଦ୍ଦିଷ୍ଟ ସମୟ ପାଇଁ ସଂଘ ପକ୍ଷରୁ ବନ୍ଦ ଡାକରା ଦିଆଯାଇଛି।

ଆନ୍ଦୋଳନକାରୀ ଡିପୋରେ ନୂତନ ଭାବେ ଯୋଗଦେଇଥିବା ମ୍ୟାନେଜରଙ୍କୁ ବହିଷ୍କାର ଦାବି କରିଛନ୍ତି। ଡିପୋ କର୍ତ୍ତୃପକ୍ଷ ବିଭିନ୍ନ ଆଳ ଦେଖାଇ ଅଯଥାରେ ଡ୍ରାଇଭରଙ୍କୁ ହଇରାଣ କରିବା ସହ ଆକ୍ରୋଶମୂଳକ ଭାବେ ୨ରୁ ୫ଦିନ ପର୍ଯ୍ୟନ୍ତ ଟ୍ରକ୍‌ଗୁଡ଼ିକୁଛିଡ଼ା କରାଉଛନ୍ତି। ଏଥିଯୋଗୁ ଟ୍ରକ ମାଲିକମାନଙ୍କୁ ବହୁ କ୍ଷତି ସହିବାକୁ ପଡୁଥିବା ବେଳେ ଡ୍ରାଇଭର ଓ ହେଲପରମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେବେ ଅନିର୍ଦ୍ଦିଷ୍ଟ ସମୟ ପର୍ଯ୍ୟନ୍ତ ଡ୍ରାଇଭର ଓ ହେଲପରମାନେ ବନ୍ଦ ଡାକରା ଦେଇଥିବା ବେଳେ ଡିପୋରୁ ଟ୍ରାନ୍ସପୋର୍ଟ ସମ୍ପୂର୍ଣ୍ଣ ଭାବେ ବନ୍ଦ ରହିଛି।

## ବିକଳାଙ୍ଗ ମଞ୍ଚ ପକ୍ଷରୁ ସଚେତନତା

ଭଦ୍ରକ ଅଫିସ: ଓଡ଼ିଶା ବିକଳାଙ୍ଗ ମଞ୍ଚର ଭଦ୍ରକ ଜିଲା ଶାଖା ପକ୍ଷରୁ ଏକ୍ସନଏଡ୍ ସହାୟତାରେ ସୋମବାର ଧାମନଗର ବ୍ଲକ ଦୋବଲଠାରେ ପଞ୍ଚାୟତସ୍ତରୀୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସରକାରଙ୍କ ବିଭିନ୍ନ ଯୋଜନାରୁ ବଞ୍ଚିତ ହେଉଥିବା ଦିବ୍ୟାଙ୍ଗମାନେ କିପରି ସାହାଯ୍ୟ ସହଯୋଗ ପାଇପାରିବେ ସେନେଇ ପରାମର୍ଶ ଦିଆଯାଇଥିଲା। ମଞ୍ଚର ରାଜ୍ୟ ସମ୍ପାଦକ ଅକ୍ଷୟ କୁମାର ସାହୁ, ମନୋରଞ୍ଜନ ତ୍ରିପାଠୀ, ଯଦୁମଣି ଦାସ, ଅମୂଲ୍ୟ ମହାଳିକ ପ୍ରମୁଖ ବୈଠକରେ ଯୋଗ ଦେଇଥିଲେ।

## ସଂକ୍ଷେପରେ

### ଦୁର୍ଘଟଣାରେ ଜୀବନ ଗଲା

ଜଳେଶ୍ୱର, ୨୦।୧୦(ଡି.ଏନ.ଏ.)- ବାଲେଶ୍ୱର ଜିଲା ଜଳେଶ୍ୱର ନିକଟ ୬୦ନଂ. ଜାତୀୟ ରାଜପଥର ନନ୍ଦିକା ବାଇପାସ୍‌ଠାରେ ଏକ ଅଜଣା ଗାଡି ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ ଦକ୍ଷିଣ ପ୍ରହରାଜପୁର ପଞ୍ଚାୟତ ପ୍ରହରାଜପୁର ଗ୍ରାମର ପ୍ରତାପ ଘୋଷ (୫୪)।

ପ୍ରତାପଙ୍କ ଗାଁରେ ଏକ ତେଜରାତି ଦୋକାନ ଅଛି। ଜଳେଶ୍ୱରର ବିଭିନ୍ନ ଅଞ୍ଚଳରେ ସେ ଗୁଆ ବ୍ୟବସାୟ କରିଥାନ୍ତି। ବୁଧବାର ସେ ରାଜଘାଟ ପର୍ଯ୍ୟନ୍ତ ଯାଇ ତେଜରାତି ଦୋକାନରେ ଗୁଆ ଦେଇ ଫେରୁଥିଲେ। ନନ୍ଦିକା ବାଇପାସ୍ ନିକଟରେ କୌଣସି ଏକ ଗାଡି ଦ୍ରୁତଗତିରେ ଗଲାବେଳେ ପ୍ରତାପଙ୍କୁ ଧକ୍କା ଦେଇ ଖସି ପଳାଇଥିଲା। ସ୍ଥାନୀୟ କେତେଜଣ ଯୁବକ ପ୍ରତାପଙ୍କୁ ଧରି ଜିକେଭଟ୍ଟର ହସ୍‌ପିଟାଲରେ ପହଞ୍ଚିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିବାରୁ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପ୍ରତାପଙ୍କର ଦୁଇ ପୁଅ ଓ ସ୍ତ୍ରୀ ଅଛନ୍ତି। ଦୁର୍ଘଟଣାରେ ପ୍ରତାପଙ୍କ ମୃତ୍ୟୁ ଘଟିଥିବାରୁ ସହାୟତା ଯୋଗାଇ ଦେବାକୁ ସରପଞ୍ଚ ସତ୍ୟବ୍ରତ ଦାସ ଦାବି କରିଛନ୍ତି।

### ମହିଳାଙ୍କ ଆତ୍ମହତ୍ୟା

ଢେଙ୍କିକୋଟ, ୨୦।୧୦(ଡି.ଏନ.ଏ): କେନ୍ଦୁଝର ଜିଲା ମନୋହରପୁର ପଞ୍ଚାୟତ ଖୋଜୁରିଜୁଆଣି ଗ୍ରାମରେ ଜଣେ ମହିଳା ଘରୋଇ କଳିକୁ କେନ୍ଦ୍ର କରି କନିଅର ମଞ୍ଜି ଖାଇ ଆତ୍ମହତ୍ୟା କରିଛନ୍ତି। ମୃତା ମହିଳା ହେଲେ ରଇବାରୀ ମୁଣ୍ଡା। କିଛି ବର୍ଷ ହେଲା ତାଙ୍କ ସ୍ୱାମୀ ମୃତ୍ୟୁବରଣ କରିଥିବା ବେଳେ ଶାଶୁ ସହିତ ପିଲାଛୁଆଙ୍କୁ ନେଇ ଚଳି ଆସୁଥିଲେ। ଗୁରୁତର ହେବାରୁ ତାଙ୍କୁ ଘଟଗାଁ ଡାକ୍ତରଖାନା ଏବଂ ପରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସିତ ଅବସ୍ଥାରେ ମଙ୍ଗଳବାର ବିଳମ୍ବିତ ରାତିରେ ତାଙ୍କର ମୃତ୍ୟୁ ଘଟିଛି। ଖବର ପାଇ ଢେଙ୍କିକୋଟ ପୋଲିସ ମୃତ ଦେହ ଜବତ କରି ଘଟଗାଁ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୫୫/୨୧) ରୁଜୁ କରି ତଦନ୍ତ ଜାରି ରଖିଛନ୍ତି।

### ହନୁମାନ ପଇସାକୁ କେନ୍ଦ୍ର କରି ଜଣକୁ ଅପହରଣ, ୪ ଗିରଫ

ଚାନ୍ଦବାଲି, ୨୦।୧୦(ଡି.ଏନ.ଏ.)- ଭଦ୍ରକ ଜିଲା ଚାନ୍ଦବାଲି ଥାନା ବିଜୟନଗର ପଞ୍ଚାୟତ ମଧୁପୁର ଗାଁରେ ହନୁମାନ ପଇସାକୁ କେନ୍ଦ୍ର କରି ଜଣେ ବ୍ୟକ୍ତିଙ୍କୁ ଅପହରଣ କରି ୫ ଲକ୍ଷ ଟଙ୍କା ମୁଣ୍ଡ ଜାମିନ ଦାବି କରିବା ଭଳି ଘଟଣା ଘଟିଛି। ଏଥିରେ ପୋଲିସ ୪ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ଅପହରଣ ହୋଇଥିବା ବ୍ୟକ୍ତିଙ୍କୁ ଉଦ୍ଧାର କରିଛି। ହନୁମାନ ପଇସା କାରବାର ଲିଙ୍କରେ ଆଉ କେଉଁମାନେ ସମ୍ପୃକ୍ତି ଅଛନ୍ତି ପୋଲିସ ତଦନ୍ତ ଜାରି ରଖିଛି।

### କେବିଏଲ୍ ଆମାଜନ କେନ୍ଦୁଝର ଚାମ୍ପିୟନ

ପାଟଣା, ୨୦।୧୦(ସ୍ୱ.ପ୍ର.)
କେନ୍ଦୁଝର ଜିଲା ପାଟଣା ବ୍ଲକ କେନ୍ଦେଇପଶି ପଞ୍ଚାୟତ ମହିଷାମୁଣ୍ଡି ଗ୍ରାମରେ ବିଶେଇପାଟ ଯୁବକ ସଂଘ ପକ୍ଷରୁ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଛି। ଫାଇନାଲ ମ୍ୟାଚ କେବିଏଲ ଆମାଜନ କେନ୍ଦୁଝର ଓ ସାଇ ଆଗ୍ରା ପାଟଣା ମଧରେ ଅନୁଷ୍ଠିତ ହୋଇଥିଲା। ଏଥିରେ ପାଟଣାକୁ ହରାଇ କେବିଏଲ ଆମାଜନ କେନ୍ଦୁଝର ଚାମ୍ପିୟନ ହୋଇଥିଲା। ବିଜେତା ଦଳକୁ ୫୦ ହଜାର ଟଙ୍କା ସହ ଟ୍ରଫି ଓ ରନର୍ସଅପ୍ ଦଳକୁ ୩୫ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିଲା। ଆୟୋଜିତ ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବେ ପାଟଣା ବିଧାୟକ ଜଗନ୍ନାଥ ନାଏକ ଯୋଗ ଦେଇ ବିଜେତା ଓ ଉପବିଜେତା ଦଳକୁ ପୁରସ୍କାର ଓ ଟ୍ରଫି ପ୍ରଦାନ କରିଥିଲେ।

### ପୁରାତନ ଛାତ୍ରୀଛାତ୍ରଙ୍କ ବୈଠକ

ରସାଲପୁର, ୨୦।୧୦(ଡି.ଏନ.ଏ.)
ବାଲେଶ୍ୱର ଜିଲା ସଦର ବ୍ଲକ ଅଧୀନ ବଡ଼କିଆ ବୃନ୍ଦାବତୀ ଉଚ୍ଚ ବିଦ୍ୟାଳୟ ପରିସରରେ ପୁରାତନ ଛାତ୍ରୀଛାତ୍ରଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷକ ତପନ କୁମାର ମିଶ୍ରଙ୍କ ସଭାପତିତ୍ୱରେ ଶତାଧିକ ପୂର୍ବତନ ଛାତ୍ରୀଛାତ୍ର ଉପସ୍ଥିତ ହୋଇ ୨୧ଜଣିଆ ପ୍ରତିନିଧିମଣ୍ଡଳୀ ମନୋନୀତ ହୋଇଛି। ଏକ ମନ ଏକ ପ୍ରାଣ ହୋଇ ନିଜ ବିଦ୍ୟାଳୟରେ ଉନ୍ନତି ପାଇଁ ଆଗେଇ ଆସିବାକୁ ପୂର୍ବତନ ଶିକ୍ଷକ ସତ୍ୟନାରାୟଣ ବେହେରା ଆହ୍ୱାନ ଦେଇଥିଲେ। ଏହି ପରିପ୍ରେକ୍ଷୀରେ ବୈଠକରେ ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡ଼ା ଯୋଗଦେଇ ସରକାରଙ୍କ ୫-ଟି ଯୋଜନା ମାଧମରେ କିପରି ସର୍ବାଙ୍ଗୀନ ଉନ୍ନତି ହୋଇପାରିବ ତାହାର ରୂପରେଖ ପ୍ରଦାନ କରିଥିଲେ। ଆଗାମୀ ଦିନରେ ସମସ୍ତ ପୁରାତନ ଛାତ୍ରୀଛାତ୍ର ସହଯୋଗର ହାତ ବଢ଼ାଇଲେ 'ମୋ ସ୍କୁଲ ଅଭିଯାନ' ମାଧମରେ ଉକ୍ତ ବିଦ୍ୟାଳୟକୁ ଏକ ଅଞ୍ଚଳର ଏକ ପ୍ରମୁଖ ଶିକ୍ଷାନୁଷ୍ଠାନରେ ପରିଣତ କରିବାର ସଂକଳ୍ପ ପାରିତ ହୋଇଥିଲା।

# ଆକର୍ଷଣ ସତ୍ତ୍ୱେ ବିକାଶର ଛାପ ପଡ଼ିନି

ସନ୍ତୋଷ ରାଉତ
ଆନନ୍ଦପୁର, ୨୦।୧୦

କେନ୍ଦୁଝର ଜିଲାର ମେରୁଦଣ୍ଡ କୁହାଯାଉଥିବା ଆନନ୍ଦପୁର ଅଞ୍ଚଳର ବିକାଶ ସ୍ୱପ୍ନ ପାଲଟିଛି। ଜିଲାର ଏହି ଉପଖଣ୍ଡ ପ୍ରତି ଅବହେଳା ପ୍ରଦର୍ଶନ କରାଯାଉଥିବା ଦେଖିବାକୁ ମିଳିଛି। ଏହି ଅଞ୍ଚଳରେ କଳକାରଖାନା ପ୍ରତିଷ୍ଠା ହୋଇପାରି ନ ଥିଲେ ମଧ ଆକର୍ଷଣୀୟ ପର୍ଯ୍ୟଟନସ୍ଥଳୀ ରହିଛି। ଆକର୍ଷଣ ସତ୍ତ୍ୱେ ବିକାଶର ଛାପ ପଡ଼ିନି। ପର୍ଯ୍ୟଟନସ୍ଥଳୀଗୁଡ଼ିକର ଉନ୍ନତି ହୋଇପାରିଲେ ବିକାଶ ତ୍ୱରାନ୍ୱିତ ହୋଇପାରନ୍ତା ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

ଏହି ଉପଖଣ୍ଡରେ ଥିବା ଗଡ଼ଚଣ୍ଡି ପୀଠ ଓ ଚକ୍ରତୀର୍ଥ ଭଳି ଦର୍ଶନୀୟ ସ୍ଥାନ ପ୍ରତି ଲୋକଙ୍କର ଆଗ୍ରହ ବୃଦ୍ଧି ପାଉଛି। ଏହାର ସେଭଳି ବିକାଶ ହୋଇପାରିନାହିଁ। ସେହିଭଳି ଆନନ୍ଦପୁରର ଶିଆଡିମାଳିର ୪ଶହ ଏକର ବିଶିଷ୍ଟ ସରକାରୀ ଜାଗା ଠିକ୍ ମାର୍ଗରେ ବ୍ୟବହାର ହୋଇପାରୁନି। କେତେକ ଜାଗା ଜବରଦଖଲରେ ଥିବାବେଳେ ଅବଶିଷ୍ଟ ଘଞ୍ଚ ଜଙ୍ଗଲ ପାଲଟିଛି। ୨୦୧୫ରେ ଶିଆଡ଼ିମାଳିଆ ଚତୁଃପାର୍ଶ୍ୱ ପୁନରୁଦ୍ଧାର କରାଯାଇ ନୌବିହାରର ପାଇଁ ସରକାରୀ ସ୍ତରରେ ଏକ ପ୍ରସ୍ତାବ ଉପସ୍ଥାପନ କରାଯାଇଥିଲା। ହେଲେ ଏନେଇ କାହା ପାଖରେ କୌଣସି ସୂଚନା ନାହିଁ। ଶାଳପଡ଼ାଠାରେ ଥିବା ଶହେ ଏକରରୁ ଊର୍ଦ୍ଧ୍ୱ ବିସ୍ତୀର୍ଣ୍ଣ ଅଞ୍ଚଳ ନାମକୁମାତ୍ର ଘାସ ଫାର୍ମ ହିସାବରେ ରହିଛି। ହେଲେ ସଂରକ୍ଷିତ ରହିଥିବା ସମ୍ପୃକ୍ତ ସରକାରୀ ଜାଗାକୁ ପାର୍କ ଭଳି ରୂପରେଖ ଦିଆଯାଇପାରିଲେ ଏହା ଅଧିକ ଆକର୍ଷଣୀୟ ହୋଇପାରନ୍ତା। ସେହିଭଳି ଶାଳପଡ଼ାସ୍ଥିତ ସରକାରୀ ଜାଗାରୁ ମୋରମ ଚୋରାଚାଲାଣ ହୋଇ ଖାଲଖମାରେ ପରିଣତ ହୋଇଛି। ଏହିଭଳି ଅନେକ ସ୍ଥାନ ବ୍ୟବହାର ନ ହୋଇ ଖାଲି ପଡ଼ିଛି। ଉକ୍ତ ସରକାରୀ ଜାଗାର ଗୁରୁତ୍ୱକୁ ଅନୁଭବ କରାଯାଇ ପର୍ଯ୍ୟଟନସ୍ଥଳର ରୂପରେଖ ଦେବାକୁ ଉଦ୍ୟମ କରାଯାଇପାରିଲେ କିଛି ମାତ୍ରାରେ ଆନନ୍ଦପୁରଠାରେ ବିକାଶର ଛାପ ପରିଲକ୍ଷିତ ହୋଇପାରନ୍ତା ବୋଲି ମତ ପ୍ରକାଶ ପାଇଛି। ଆନନ୍ଦପୁର ବ୍ୟାରେଜର ଉଭୟ ପାର୍ଶ୍ୱର ସୌନ୍ଦର୍ଯ୍ୟକରଣ ତ୍ୱରିତ ବେଗରେ ଅଗ୍ରଗତି ହୋଇପାରିଲେ ଏହା ମଧ ଏକ ଦର୍ଶନୀୟ ସ୍ଥାନରେ ପରିଗଣିତ ହୋଇପାରନ୍ତା ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ଜିଲାରେ ଡିଏମ୍ଏଫ୍ ଫଣ୍ଡ ଭରି ରହିଛି। ଜିଲାର ବିକାଶ ନିମନ୍ତେ ରହିଥିବା ଏହି ଫଣ୍ଡ ବାହାର ଅଞ୍ଚଳରେ ବିକାଶରେ ଲାଗିପାରୁଛି ହେଲେ ଜିଲାରେ ସେଭଳି ଆଖିଦୃଶିଆ ବିକାଶରେ ଲାଗିପାରୁ ନ ଥିବା ଆଲୋଚନାର ମୁଖ୍ୟ ବିଷୟ ସାଜିଛି। ଏନେଇ ଜିଲା ପ୍ରଶାସନିକ ଅଧିକାରୀ ଦୃଷ୍ଟି ଦେଲେ ଆନନ୍ଦପୁର ଅଞ୍ଚଳରେ ବିକାଶର ଧାରା ଆରମ୍ଭ ହୋଇପାରନ୍ତା। ଏନେଇ ଘସିପୁରା ସାମାଜିକ କର୍ମୀ ଦେବାଶିଷ ପାତ୍ର କହିଛନ୍ତି, ଉକ୍ତ ଅଞ୍ଚଳର ବିକାଶକୁ ଅଗ୍ରଗତି କରିବାକୁ ହେଲେ ପ୍ରଶାସନିକ ସ୍ତରରେ ଆନ୍ତରିକତାର ଆବଶ୍ୟକତା ରହିଛି। ରାଜ୍ୟ ସରକାର ତ ସବୁ ଅଞ୍ଚଳର ବିକାଶ ପାଇଁ ପୂର୍ଣ୍ଣ ସହଯୋଗ କରୁଛନ୍ତି। ଆନନ୍ଦପୁରର ଅବ୍ୟବହୃତ ଘାସଫାର୍ମ ହେଉ କି ଶିଆଡିମାଳିଆର ଶହ ଶହ ଏକର ଜମି ହେଉ କିମ୍ବା ଆନନ୍ଦପୁର ଅଞ୍ଚଳରେ ପଡିରହିଥିବା ମୂଲ୍ୟବାନ ଶହ ଶହ ଏକର ସରକାରୀ ଜମିରୁ ଜବରଦଖଲ ଉଚ୍ଛେଦ କରାଯାଇ ଆନ୍ଧ୍ରପ୍ରଦେଶ ଭଳି ବିକାଶ ପାଇଁ କିଛି ବି ରୂପରେଖ ଦିଆଯାଇପାରନ୍ତା। ଅନ୍ୟପକ୍ଷେ ଘସିପୁରା ଶିକ୍ଷାବିତ ଦେବାଶିଷ ପଣ୍ଡାଙ୍କ ମତରେ ଆନନ୍ଦପୁର ଅଞ୍ଚଳର ବିକାଶ କରିବାକୁ ହେଲେ ଅନେକ ମାଧମ ରହିଛି। ବଡ ବଡ ପ୍ରକଳ୍ପ ଦ୍ୱାରା ବିକାଶର ସ୍ୱାଦ ଚାଖିବାକୁ ହେଲେ ରାଜନୈତିକ ସ୍ତରରେ ଆନ୍ତରିକତାର ଆବଶ୍ୟକତା ରହିଛି। ତଥାପି ପ୍ରଶାସନିକ ସ୍ତରରେ ଡିଏମ୍ଏଫ୍ ପଣ୍ଡକୁ ସୁବିନିଯୋଗ କରାଯାଇ ଏଠାରେ ଥିବା ସରକାରୀ ଜାମିକୁ ଅତ୍ୟାଧୁନିକ ପାର୍କର ରୂପରେଖ ଦିଆଯାଇ କିଛିଟା ବିକାଶ କରାଯାଇପାରନ୍ତା।


ପ୍ରସ୍ତାବିତ ନୌବିହାର ଲାଗି ଶିଆଡିମାଳିଆର ସରକାରୀ ଜାଗା।

**ଆନନ୍ଦପୁର ଅଞ୍ଚଳ ପ୍ରତି ଅବହେଳା**

## ମହିଳା ଅଧିକାରୀଙ୍କ ଅଶ୍ଳୀଳ ଫଟୋ ଭାଇରାଲ, ୨ଗିରଫ

ପାଟଣା, ୨୦।୧୦(ସ୍ୱ. ପ୍ର.)

କେନ୍ଦୁଝର ଜିଲା ପାଟଣାରେ କାର୍ଯ୍ୟରତ ଜଣେ ମହିଳା ଅଧିକାରୀଙ୍କ ଅଶ୍ଳୀଳ ଫଟୋ ଭାଇରାଲ ଅଭିଯୋଗରେ ପାଟଣା ପୋଲିସ ବୁଧବାର ୨ ଯୁବକଙ୍କୁ ଗିରଫ କରିଛି। ଗିରଫ ଦୁଇ ଯୁବକ ହେଲେ ବାଉଁଶୁଳୀ ପଞ୍ଚାୟତ ଭଅଁରପୁର ଗ୍ରାମର ଚିତ୍ତରଞ୍ଜନ ମହାନ୍ତ ଓ ସୁନୀଲ କୁମାର ସେଠୀ। ଗତ ୧୫ତାରିଖରେ ସେମାନେ ଉକ୍ତ ମହିଳା ଅଧିକାରୀଙ୍କ ମୁହଁ ସହ ଏକ ମିଥ୍ୟା ନଗ୍ନ ଫଟୋ ଯୋଡ଼ି ଜଣେ କର୍ମଚାରୀଙ୍କ ହ୍ୱାଟ୍ସଆପ୍‌କୁ ପଠାଇଥିଲେ। ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ମାମଲା (ନଂ.୧୭୫/୨୧) ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଥିବା ଥାନା ଅଧିକାରୀ ରାଜେନ୍ଦ୍ର ସ୍ୱାଇଁ କହିଛନ୍ତି।

## ୩ ଛାତ୍ରୀଙ୍କୁ ଶକ୍ତି ଭୂଷଣ ସମ୍ମାନ

ଭୋଗରାଇ, ୨୦।୧୦(ଡି.ଏନ.ଏ.)

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଅଧୀନ ଶକ୍ତି ସଂଗ୍ରାମ ପକ୍ଷରୁ ଶକ୍ତିତତ୍ତ୍ୱ ଉପରେ ଆଧାରିତ ସାଧାରଣଜ୍ଞାନ ପ୍ରତିଯୋଗିତାରେ ୩ ଛାତ୍ରୀଙ୍କୁ ଶକ୍ତିଭୂଷଣ ସମ୍ମାନରେ ସମ୍ମାନିତ କରାଯାଇଛି। ଶ୍ୟାମସୁନ୍ଦର ସଂସ୍କୃତ ମହାବିଦ୍ୟାଳୟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ପ୍ରିୟବାଗ ନରେନ୍ଦ୍ରନାଥ ସଂସ୍କୃତ ମହାବିଦ୍ୟାଳୟର ଛାତ୍ରୀ ଲକ୍ଷ୍ମୀପ୍ରିୟା ଦାସ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଏହି ମହାବିଦ୍ୟାଳୟର ଅନ୍ୟତମ ଛାତ୍ରୀ ଗାୟତ୍ରୀ ଦାସ ତୃତୀୟ ଓ ଶ୍ୟାମସୁନ୍ଦର ସଂସ୍କୃତ ମହାବିଦ୍ୟାଳୟର ଛାତ୍ରୀ ରଞ୍ଜିତା ଜେନା ଦ୍ୱିତୀୟ ସ୍ଥାନ ଅଧିକାର କରି ଶକ୍ତି ଭୂଷଣ ସମ୍ମାନ ପାଇବାରେ ଯୋଗ୍ୟ ବିବେଚିତ ହୋଇଛନ୍ତି। ଏହି ଆଧାତ୍ମିକ ପ୍ରତିଯୋଗିତା ନିମନ୍ତେ ଶ୍ୟାମସୁନ୍ଦର ସଂସ୍କୃତ ମହାବିଦ୍ୟାଳୟ ଅଧକ୍ଷ ଡ. ଶତୀଶ ଚନ୍ଦ୍ର ପଣ୍ଡାଙ୍କ ପୌରୋହିତ୍ୟରେ ମୁଖ୍ୟଅତିଥି ତହସିଲଦାର କମଳାକାନ୍ତ ପଣ୍ଡା, ସମ୍ମାନିତ ବକ୍ତା ଭାବେ ଶମ୍ଭୁନାଥ ସାହୁ, ଅଂଶୁମାନ ରାଉତ, ପ୍ରାୟୋଜକ ଜଗବନ୍ଧୁ ଦାସ ଅଧିକାରୀ ଓ ଭକ୍ତବତ୍ସଳ ଜେନା ପ୍ରମୁଖ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ୩ କୃତି ଛାତ୍ରୀଙ୍କୁ ମାନପତ୍ର ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା।

# ଲୁଟିଲେ, ଧରାପଡ଼ି ଛେଚା ଖାଇଲେ


ଜବତ ବାଇକ୍ ଓ ଟଙ୍କା।

ଖୁଣ୍ଟା/କୁଆମରା/ ଉଦଳା, ୨୦।୧୦(ଡି.ଏନ.ଏ.)

ଜଣେ ବ୍ୟବସାୟୀଙ୍କ ଠାରୁ ଲକ୍ଷାଧିକ ଟଙ୍କା ଝାମ୍ପି ନେଇ ପଳାଉଥିବା ବେଳେ ଲୋକେ ପିଛା କରି ୨ ଦୁର୍ବୃତ୍ତଙ୍କୁ ଧରି ଉତ୍ତମମଧମ ଦେବା ଚର୍ଚ୍ଚାର ବିଷୟ ହୋଇଛି। ସେମାନଙ୍କଠାରୁ ଲୁଟ ଟଙ୍କା ଓ ଏକ ପଲସର ବାଇକ୍ ଜବତ ହୋଇଛି। ମୟୂରଭଞ୍ଜ ଜିଲା ଖୁଣ୍ଟା ଥାନା ଅଞ୍ଚଳରେ ବୁଧବାର ଏହି ଘଟଣା ଘଟିଛି। ବାଲେଶ୍ୱର ଜିଲାର ନଡ଼ିଆ ବ୍ୟବସାୟୀ ଲଳିତ କୁମାର ଦାସ ଖୁଣ୍ଟା ଅଞ୍ଚଳରୁ ୧ ଲକ୍ଷ ୫୭ ହଜାର ୬ଶହ ଟଙ୍କା ସଂଗ୍ରହ କରି ଆସୁଥିଲେ। ଏହି ସମୟରେ ପଲସର ବାଇକ୍‌ରେ ୨ ଦୁର୍ବୃତ୍ତ ଆସି ତାଙ୍କଠାରୁ ଟଙ୍କା ବ୍ୟାଗ୍ ଛଡ଼ାଇ ନେଇଥିଲେ। ଲୁଟେରାଦ୍ୱୟ ଉଦଳା ଅଭିମୁଖେ ଆସି ବିସିପୁର ଛକଠାରୁ ଧାନଘେରା ଆଡ଼କୁ ଯାଉଥିଲେ। ହେଲେ ଟଙ୍କା ଲୁଟ୍ ଖବର ପ୍ରଚାରିତ ହୋଇଯାଇଥିବାରୁ ସ୍ଥାନୀୟ କେତେଜଣ ଯୁବକ ଲୁଟେରାଙ୍କ ପିଛା କରିଥିଲେ। ଲୁଟେରା ଦ୍ୱୟ ଧାନଘେରା କ୍ରସର ଛକ ନିକଟରେ ବାଇକ୍ ଏବଂ ଟଙ୍କା ବ୍ୟାଗ୍ ଛାଡ଼ି ଜଙ୍ଗଲ ଭିତରକୁ ପଳାଇଥିଲେ। ପିଛା କରୁଥିବା ଯୁବକମାନେ ଜଙ୍ଗଲ ମଧ୍ୟରୁ ଲୁଟେରାଦ୍ୱୟଙ୍କୁ କାବୁ କରି ପୋଲିସକୁ ହସ୍ତାନ୍ତର କରିଥିଲେ। ଖୁଣ୍ଟା ଥାନାରେ ଏକ ମାମଲା(ନଂ. ୩୧୬/୨୧) ରୁଜୁ ହୋଇଥିବା ଆଇଆଇସି ସ୍ୱର୍ଣ୍ଣଲତା ମିଞ୍ଜ କହିଛନ୍ତି। ଧରାପଡ଼ିଥିବା ଲୁଟେରା ଦ୍ୱୟ ଯାଜପୁର ଜିଲା ପୂର୍ବକୋଟ ଅଞ୍ଚଳର ଆଉଲା ଶିବା ଓ ଆହୁଲା ଗଙ୍ଗା ବୋଲି ପୋଲିସ କହିଛି।

# ପର୍ଯ୍ୟଟନସ୍ଥଳୀର ଉନ୍ନତି ଲାଗି କପ୍ତିପଦାରେ କେନ୍ଦ୍ରୀୟ ଟିମ୍


ମୟୂରଭଞ୍ଜ ଜିଲା ଗସ୍ତରେ ଆସିଥିବା କେନ୍ଦ୍ରୀୟ ଟିମ୍ ସହ କେନ୍ଦ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ।

ଉଦଳା/କପ୍ତିପଦା, ୨୦।୧୦(ଡି.ଏନ.ଏ.)

ପର୍ଯ୍ୟଟନସ୍ଥଳୀର ବିକାଶ ନିମନ୍ତେ ବୁଧବାର ଏକ ପ୍ରତିନିଧି ଦଳ ମୟୂରଭଞ୍ଜ ଜିଲା ଗସ୍ତରେ ଆସିଥିଲେ। ପ୍ରଥମେ କପ୍ତିପଦା ଉପଖଣ୍ଡ ଗସ୍ତ କରି ବିଭିନ୍ନ ପର୍ଯ୍ୟଟନସ୍ଥଳୀର ଉନ୍ନତି ଲାଗି ସମୀକ୍ଷା କରିଥିଲେ। ଏହି ଟିମ୍ ସହ କେନ୍ଦ୍ର ଆଦିବାସୀ ବ୍ୟାପାର ଓ ଜଳଶକ୍ତି ମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ ସାମିଲ ହୋଇଥିଲେ। ଟିମ୍ ସଦସ୍ୟ ଇଣ୍ଡିଆ ଟୁରିଜିମ୍ ଭୁବନେଶ୍ୱର ମ୍ୟାନେଜର ରଶ୍ମୀ ସୋନିଆ ତିର୍କୀ, ଓଡ଼ିଶା ଟୁରିଜିମ୍‌ର ଯୁଗ୍ମ ନିର୍ଦ୍ଦେଶକ ବିଶ୍ୱଜିତ୍ ରାଉତରାୟ, ଦିଲ୍ଲୀର ପ୍ରୋଜେକ୍ଟ ଡାଇରେକ୍ଟର ପ୍ରଭାକର, ଟୁରିଜିମର ଇଣ୍ଡିପେଣ୍ଡେଣ୍ଟ ଆରକିଟେକ୍ ଗୁରୁ ପ୍ରସାଦ ପ୍ରମୁଖ ସମୀବୃକ୍ଷ ପୀଠ ଓ ଉଦଳା ବ୍ଲକ ଅଧୀନ ମା' ଅମ୍ବିକାଙ୍କ ପୀଠ ଦେବକୁଣ୍ଡ ଗସ୍ତ କରିଥିଲେ। ପରେ ପ୍ରତିନିଧି ଦଳ ଶିମିଳିପାଳ ଗସ୍ତ କରିଥିଲେ। ଗୁରୁବାର ଖିଚିଂ ଗସ୍ତ କରି ସେଠାରେ ସମୀକ୍ଷା କରିବେ। ଖୁବଶୀଘ୍ର ଉକ୍ତ ପର୍ଯ୍ୟଟନସ୍ଥଳୀଗୁଡ଼ିକର ବିକାଶ ହେବ ବୋଲି ସୂଚନା ମିଳିଛି।

## ହାତୀ ଆକ୍ରମଣରେ ଜଣେ ଗୁରୁତର

କେନ୍ଦୁଝର, ୨୦।୧୦(ସ୍ୱ.ପ୍ର.)

କେନ୍ଦୁଝର ଜିଲା ତେଲକୋଇ ବ୍ଲକ କରମଙ୍ଗି ପଞ୍ଚାୟତର ପଡ଼ିଆପଶି, ପାଟଖଳି ଆଦି ଗ୍ରାମାଞ୍ଚଳରେ ୨୫ ଟିକିଆ ହାତୀ ପଲ ଉପଦ୍ରବ କରି ବ୍ୟାପକ ଫସଲ ହାନି ଘଟାଇଥିବା ସ୍ଥାନୀୟ ଲୋକ କହିଛନ୍ତି। ସେହିପରି ଏକ ଦନ୍ତା ହାତୀ ଆକ୍ରମଣରେ ବିମଳା ଗ୍ରାମରେ ଜଣେ ବ୍ୟକ୍ତି ଗୁରୁତର ଆହତ ହୋଇଛନ୍ତି। ଗୁରୁତର ଅବସ୍ଥାରେ ବନ ବିଭାଗ ତାଙ୍କୁ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରିଛି। ବନ ବିଭାଗ ପକ୍ଷରୁ ହାତୀ ଘଉଡ଼ାଇବା ପାଇଁ ପଦକ୍ଷେପ ନିଆଯାଉଥିବା ପର୍ଯ୍ୟାପ୍ତ ହେଉ ନ ଥିବାରୁ ଲୋକଙ୍କ ମଧରେ ଅସନ୍ତୋଷ ଲାଗିରହିଛି।

# କଟକଣାରେ ହେବ କାଳୀପୂଜା

ଭଦ୍ରକ ଅଫିସ, ୨୦।୧୦

ଭଦ୍ରକର ଗଣପର୍ବ କାଳୀପୂଜା ନଭେମ୍ବର ୪ ତାରିଖରେ ପାଳିତ ହେବାକୁ ଥିବାବେଳେ ଜିଲାପାଳ ତ୍ରିଲୋଚନ ମାଝୀଙ୍କ ଅଧକ୍ଷତାରେ ସଦ୍‌ଭାବନା ସଭାଗୃହରେ ବୁଧବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏସପି଼ ଚରଣ ସିଂ ମୀନା, ଅତିରିକ୍ତ ଜିଲାପାଳ ମଧୁସୂଦନ ଦାଶ, ଉପଜିଲାପାଳ ପୀତାମ୍ବର ସାମଲ ପ୍ରମୁଖ ବୈଠକରେ ଯୋଗ ଦେଇଥିଲେ। କୋଭିଡ଼ କଟକଣାକୁ ଦୃଷ୍ଟିରେ ରଖି କାଳୀପୂଜା ପାଳନ କରାଯିବା ନେଇ ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କ ଦ୍ୱାରା ଜାରି କରାଯାଇଥିବା ମାର୍ଗଦର୍ଶିକାକୁ ଅତିରିକ୍ତ ଜିଲାପାଳ ବୈଠକରେ ଉପସ୍ଥାପନ କରିଥିଲେ । କୌଣସି ପୂଜା ମଣ୍ଡପରେ ଜନ ସମାବେଶ ହେବ ନାହିଁ, ମୂର୍ତ୍ତିର ଉଚ୍ଚତା ୪ ଫୁଟରୁ ଅଧିକ ହେବ ନାହିଁ, ମେଢ଼ର ତିନିପାଖ ଆବଦ୍ଧ ରହିବ। ଡାକବାଜି ଯନ୍ତ୍ର ବାଜିବ ନାହିଁ। ନିରାଡ଼ମ୍ବର ଭାବେ ପୂଜା ପାଇଁ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କ ଠାରୁ ଆୟୋଜକମାନେ ଅନୁମତି ଆଣିବେ ।



ପ୍ରସ୍ତୁତି ବୈଠକରେ ଉପସ୍ଥିତ ଜିଲାପାଳ ଓ ଅନ୍ୟମାନେ।

# ଲୁହାପଥର ବୋଝେଇ ଟ୍ରକ୍ ଜବତ

ଯୋଡ଼ା, ୨୦।୧୦ (ଡି.ଏନ.ଏ.)

କେନ୍ଦୁଝର ଜିଲା ଚମ୍ପୁଆ ରେଞ୍ଜ୍ ଯୋଡ଼ା ବନପାଳ ଅଧୀନ ଭୋଲବେଢ଼ା ଗ୍ରାମ ନିକଟସ୍ଥ ପାହାଡି ହଟିଂରେ ମଙ୍ଗଳବାର ରାତିରେ ଏକ ଲୁହାପଥର ବୋଝେଇ ଟ୍ରକ୍ ଜବତ କରାଯାଇଛି। ଯୋଡ଼ା ବନପାଳ ଅନିରୁଦ୍ଧ ପଣ୍ଡାଙ୍କ ସୂଚନା ଅନୁଯାୟୀ, ରାତି ପ୍ରାୟ ସାଢ଼େ ୨ଟାରେ ଏକ ୧୪ଚକିଆ ଟ୍ରକ୍ ଲୁହାପଥର ବୋଝେଇ କରି ଚୋରା ଚାଲାଣ ହେଉଥିଲା। ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ସଦଳବଳ ଚଢ଼ାଉ କରି ଉକ୍ତ ଟ୍ରକ୍‌କୁ ଜବତ କରିଥିଲେ। ତେବେ ଅନ୍ଧାରର ସୁଯୋଗରେ ଅଭିଯୁକ୍ତ ମାନେ ଫେରାର ହୋଇଯାଇଥିଲେ। ଏହି ଚଢ଼ାଉରେ ଚମ୍ପୁଆ ରେଞ୍ଜ ଅଧିକାରୀ ସଞ୍ଜୀବ କୁମାର ରାଉତ, ବନ କର୍ମଚାରୀ ନିଳମ ମହାନ୍ତ ଓ ବନ ସୁରକ୍ଷା କର୍ମଚାରୀ ସାମିଲ ଥିଲେ।

# ଟିକାକରଣ ପାଇଁ ଧନ୍ୟବାଦ କାର୍ଯ୍ୟକ୍ରମ

ବାଲେଶ୍ୱର ଅଫିସ, ୨୦।୧୦

ବାଲେଶ୍ୱର ସହର ଗାନ୍ଧୀ ସ୍ମୃତିଭବନ ଟିକାକରଣ କେନ୍ଦ୍ର ନିକଟରେ ଆୟୋଜିତ କାର୍ଯ୍ୟକ୍ରମରେ ଦେଶରେ ହେବାକୁ ଯାଉଥିବା ୧୦୦ କୋଟି ଟିକାକରଣ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଜିଲା ଭାଜପା ତରଫରୁ ଧନ୍ୟବାଦ ଦିଆଯାଇଛି। ଦେଶରେ ୨୦୨୧ ଜାନୁୟାରୀ ୧୬ରୁ ଆରମ୍ଭ ହୋଇଥିବା ବିଶ୍ୱର ସର୍ବବୃହତ କୋଭିଡ଼ ଟିକାକରଣ ଅଭିଯାନ ସଫଳତାର ସହିତ ଦିନକୁ ଦିନ ନୂଆ କୀର୍ତ୍ତିମାନ ସ୍ଥାପନ କରି ୧୦୦କୋଟି ଛୁଇଁବାକୁ ଯାଉଛି। କୋଭିଡ଼ ଆତଙ୍କକୁ ଦମନ କରିବାରେ ଟିକାକରଣ ମୁଖ୍ୟ ଆୟୁଧ ହୋଇଥିବାରୁ ଦେଶବ୍ୟାପୀ ଲୋକଙ୍କ ମନରେ ଖୁସିର ଲହରୀ ଖେଳିଯାଇଛି। ଭାଜପା ଜିଲାସଭାପତି ଉମାକାନ୍ତ ମହାପାତ୍ର, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ଶୋଭନା ମହାନ୍ତି, ପୂର୍ବତନ ବିଧାୟକ ଜୀବନ ପ୍ରଦୀପ ଦାସ ଓ ଗୋବିନ୍ଦ ଚନ୍ଦ୍ର ଦାସ, ମହିଳାମୋର୍ଚ୍ଚା ରାଜ୍ୟ ଉପସଭାପତି ସୁଷମା ବିଶ୍ୱାଳ, ପୂର୍ବତନ ଜିଲା ସଭାପତି ଲମ୍ବୋଦର ନାୟକ, ଜିଲା ସାଧାରଣ ସମ୍ପାଦକ ପର୍ଶୁରାମ ପରିଡ଼ା ଓ ଇଶ୍ୱର ଚନ୍ଦ୍ର ବେହେରା, ମିଡ଼ିଆ ସଂଯୋଜକ ଶ୍ରୀନିବାସ ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।


ଜିଲା ଭାଜପା ପକ୍ଷରୁ ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଦିଆଯାଉଛି।

# 'ପଞ୍ଚାୟତ ସମିତି ଦଖଲ ପାଇଁ କାର୍ଯ୍ୟ କର'



ଅତିଥିଙ୍କ ଗହଣରେ ଦଳରେ ଯୋଗ ଦେଇଥିବା ବ୍ୟକ୍ତିବିଶେଷ।

ଖଇରା, ୨୦।୧୦(ଡି.ଏନ.ଏ.)

**ବିଜେଡି କାର୍ଯ୍ୟକାରିଣୀ ବୈଠକରେ ଆହ୍ୱାନ**

ବାଲେଶ୍ୱର ଜିଲା ଖଇରା ବ୍ଲକ ଧୋବାଗଡିଆଠାରେ ବିଜେଡିର କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ବିଜେଡି ସଭାପତି ବ୍ରଜକିଶୋର ମହାନ୍ତିଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ଜିଲା ପର୍ଯ୍ୟବେକ୍ଷକ ଭାବେ ଆଳି ବିଧାୟକ ପ୍ରତାପକେଶରୀ ଦେବ ଯୋଗଦେଇ ପୂର୍ବରୁ ନିର୍ବାଚନରେ ବିଜେଡି ୫୪ପ୍ରତିଶତ ଭୋଟ ପାଇଥିଲା। ଏହାକୁ ବୃଦ୍ଧି କରିପାରିଲେ ଭଲ, ନଚେତ୍ ସେହି ଭୋଟ ଧରି ରଖିପାରିଲେ ବିଜେଡି ସିମୁଳିଆ ନିର୍ବାଚନ ମଣ୍ଡଳୀର ୨ବ୍ଲକ ଓ ସମସ୍ତ ଜିଲା ପରିଷଦ ପଦବୀ ଦଖଲ କରିବାକୁ ସମର୍ଥ ହୋଇପାରିବ। ପରେ ପଞ୍ଚାୟତ ସ୍ତରରେ କମିଟି ଗଠନ, ଜୋନସ୍ତରୀୟ ବୈଠକରେ ଜିଲା ପରିଷଦ ପ୍ରାର୍ଥୀ ନାମ ଚୟନ ଭଳି ବିଭିନ୍ନ ସାଙ୍ଗଠନିକ ଦିଗ ଉପରେ ଆଲୋକପାତ କରିଥିଲେ। ଜିଲା ସଭାପତି ରବୀନ୍ଦ୍ର ଜେନା ଓ ଏମ୍‌ପି ମଞ୍ଜୁଲତା ମଣ୍ଡଳ ବକ୍ତବ୍ୟରେ ପୂର୍ବରୁ ଜିଲାର ଏହି ନିର୍ବାଚନମଣ୍ଡଳୀ ବିଜେଡିର ଗଡ ଭାବରେ ପରିଚିତ। ଏଥର ମଧ ଭୋଟରମାନେ ତାକୁ ବଜାୟ ରଖିବାକୁ ପରାମର୍ଶ ଦେଇଥିଲେ। ସ୍ଥାନୀୟ ବିଧାୟକ ତଥା ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ବକ୍ତବ୍ୟରେ ଆଗାମୀ ପଞ୍ଚାୟତ ନିର୍ବାଚନ ପାଇଁ ଦଳ ତାଙ୍କୁ ଯେଉଁଭଳି ଭାବେ ଦାୟିତ୍ୱ ଦେବ ତାକୁ ସେ ନିଷ୍ଠାର ସହ ତୁଲାଇବେ ବୋଲି ଆଶ୍ୱାସନା ଦେଇଥିଲେ। ଏହି ଅବସରରେ ଦଳରେ ଯୋଗଦାନ କରିଥିବା ରପେୟା ସରପଞ୍ଚ ଅଜୟ ସାମଲ, ବାଉଁଶଗଡିଆ ସରପଞ୍ଚ ବିଷ୍ଣୁପଦ ଘଡେଇ, ଡୁଙ୍ଗୁରା ସରପଞ୍ଚ କଲ୍ୟାଣି ମାଝୀ, ବଡନୂଆଗାଁ ସରପଞ୍ଚ ସୁବାଶିନୀ ଦାସ, ପ୍ରାକ୍ତନ ସରପଞ୍ଚ ଧୀରେନ୍ଦ୍ର ଦାସ, ଖଇରା ବ୍ଲକର ପ୍ରାକ୍ତନ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ନର୍ମଦା ଦେଓ, ପୂର୍ବତନ ଶିକ୍ଷକ ନେତା ଦାମୋଦର ସେଣ୍ଠଙ୍କୁ ଅତିଥିମାନେ ଉତ୍ତରୀୟ ପିନ୍ଧାଇଥିଲେ। ଉପାଧକ୍ଷ ଜୟନ୍ତ କୁମାର ରାଉତ, ପ୍ରାକ୍ତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳଙ୍କ ସମେତ ସମସ୍ତ ଜିଲାପରିଷଦ ସଭ୍ୟାସଭ୍ୟ, ସରପଞ୍ଚ, ସମିତିସଭ୍ୟ ଉପସ୍ଥିତ ଥିଲେ।

## ଲଗାଣ ବର୍ଷା: ବ୍ୟାପକ କ୍ଷତି

ଲଙ୍ଗଳେଶ୍ୱର, ୨୦।୧୦(ଡି.ଏନ.ଏ.)

ଗତ କିଛି ଦିନ ଧରି ଲଗାଣ ବର୍ଷା ଯୋଗୁ ଲଙ୍ଗଳେଶ୍ୱର ଏବଂ ବାଲିଆପାଳ ଅଞ୍ଚଳରେ ପନିପରିବା, ଧାନ ଚାଷ ସମେତ ବ୍ୟାପକ କ୍ଷୟକ୍ଷତି ଘଟିଛି। ପରିବା ଚାଷ ନଷ୍ଟ ହେବା ଦ୍ୱାରା ପନିପରିବା ଦର ଆକାଶଛୁଆଁ ହେଲାଣି। ପରିବା ସମେତ ଅତ୍ୟାବଶ୍ୟକ ସାମଗ୍ରୀର ଦର ଆକାଶଛୁଆଁ ହୋଇଛି। ବଜାରରେ ବିଲାତି ୩୦ ଟଙ୍କାରୁ ୮୦ ଟଙ୍କା, ବାଇଗଣ ୬୦, ଭେଣ୍ଡି ୫୦, ଜହ୍ନି ୫୦, କାକୁଡି ୫୦, କଲରା ୬୦ ସମେତ ଆଳୁ, ପିଆଜ ୫୦ ଏବଂ ଅନ୍ୟାନ୍ୟ ପରିବା ଦର ବୃଦ୍ଧି ଯୋଗୁ ହାଣ୍ଡିଶାଳ ପରିବାଶୂନ୍ୟ ହୋଇପଡ଼ିଛି। ସେହିଭଳି ଗ୍ରୋସାରି ଦୋକାନରେ ରୋଷେଇ ସାମଗ୍ରୀର ମୂଲ୍ୟ ବୃଦ୍ଧି ଗରିବ ଏବଂ ମଧ୍ୟବିତ୍ତ ପରିବାର ପାଇଁ ମୁଣ୍ଡବିନ୍ଧାର କାରଣ ସାଜିଛି। ପରିବା ଚାଷ ପ୍ରତି ସରକାର ପ୍ରୋତ୍ସାହନ ଯୋଗାଇ ଦେଉ ନ ଥିବାରୁ ଚାଷୀମାନଙ୍କ ମଧରେ ଅସନ୍ତୋଷ ପ୍ରକାଶ ପାଇଛି। ସରକାର ପରିବା ଚାଷୀମାନଙ୍କ ଆର୍ଥିକ ସହାୟତା ଯୋଗାଇଦେବାକୁ ଚାଷୀ ରମେଶ ଚନ୍ଦ୍ର ମହାନ୍ତି, ଆଲୋକ ସାମନ୍ତ, ମାନଗୋବିନ୍ଦ ଦାସ, ନବୀନ ପାତ୍ର, ପୂର୍ଣ୍ଣଚନ୍ଦ୍ର ମଇତି ପ୍ରମୁଖ ଦାବି କରୁଛନ୍ତି। ସରକାର ଏଥିପ୍ରତି ଦୃଷ୍ଟିଦେବାକୁ ସାଧରଣରେ ଦାବି ହୋଇଛି।

